Celebrating 50 Glorious Years PRAGATIVADI



# Central University Of Odisha To Celebrate 14th Foundation Day On Aug 29

By Pragativadi News Se... — On Aug 28, 2022

Share 281

**Koraput**: The Central University of Odisha will celebrate its 14th Foundation Day on 29th August 2022 in its Campus at Sunabeda. The University is conducting this year's Foundation Day celebration in physical mode after two years gap, though some dignitaries may join the meeting online.

Union Minister for Education, and Skill Development & Entrepreneurship, Dharmendra Pradhan, will grace the occasion as Chief Guest and will release the "Achievement-cum-Activity Report".

The Foundation Day Lecture will be delivered by Prof. Amitabh Kant, Sherpa G20, India and former CEO, NITI Ayog. He will deliver the lecture through online mode. Padma Bhusan Prof. Nirmal Kumar Ganguly, Former Director General, Indian Council of Medical Research will grace the occasion as the Distinguished Guest. The Vice-Chancellor I/c of the University Prof. Sharat Kumar Pallita will preside over the meeting.

On the occasion, the Hon'ble President of India Her Excellency Draupadi Murmu, who is also the Visitor of Central University congratulates the University fraternity through her message. Messages of good wishes have also been received from the Hon'ble Governor of Odisha, Prof. Ganeshi Lal and Hon'ble Chief Minister of Odisha Shri Naveen Patnaik.

The Central University of Odisha was established on this date in 2009 under the Central University Act, of 2009. It was established along with nine other Central Universities of the country. Since its inception, the University has marched ahead with its vision and mission and striving to fulfil the educational aspirationsof the region.During the last 13 years the University has established 14 Departments with research programme in 09subjects. During this year the University has signed six MoUs with various organisaitons for collaborative research and development works.

The Foundation Day celebrations will be organised in the main campusat Sunabeda. The Vice Chancellor (I/c) will unfurl the Central University of Odisha Flag and address the gathering in the morning.

Central University of Odisha · CUO 14th Foundation Day · CUO koraput · Dharmendra Pradhan · Prof. Amitabh Kant · Union Minister for Education

**Pragativadi News Service**

8374 Posts · 0 Comments

PREV POST
Tata Steel to set up a steel plant with scrap-based electric arc furnace in Punjab, inks MoU with Govt

NEXT POST
Jitendra Singh unveils dedicated Website to give further boost to Coastal Clean-Up campaign

## GADGETS





Asus Zenbook Series With 12th Gen Intel Chips Launched In India:...
Aug 25, 2022


Blaupunkt BH51 Wireless Headphones With ANC Launched In India: Check...
Aug 24, 2022


JBL Partybox 710, Partybox 110, And Encore Essential Portable Speakers...
Aug 23, 2022

PREV NEXT 1 of 11

## LATEST NEWS

Minor Reshuffle In OPS Cadres: Two Officers Get New...
PRAGATIVADI NE... 4 mins ago

BTS V And BLACKPINK Jennie Dating Rumours: Twitter...
HARAPRASAD DA... 26 mins ago

Priyanka Chopra Joins Hubby Nick Jonas For Mexico...
PRAGATIVADI NE... 51 mins ago

LOAD MORE POSTS

## NEWSLETTER

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ: ଉତ୍କର୍ଷର ବଳିଷ୍ଠ ପଦକ୍ଷେପ



**ପ୍ରଫେସର ଶରତ କୁମାର ପଳିତା**
କୁଳପତି, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କୋରାପୁଟଠାରେ ୨୦୦୯ ମସିହାରେ ପ୍ରତିଷ୍ଠିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ୨୯ ଅଗଷ୍ଟ ୨୦୨୨ରେ ଚତୁର୍ଦ୍ଦଶ ପ୍ରତିଷ୍ଠା ଦିବସ ପାଳନ କରୁଛି। ଭାରତ ସରକାରଙ୍କ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଏକାଦଶ ଯୋଜନା କାର୍ଯ୍ୟକାଳରେ ଦେଶର ବିଭିନ୍ନ ପ୍ରାନ୍ତରେ ପନ୍ଦରଗୋଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା ଏବଂ ଓଡ଼ିଶା ଭାଗରେ ଗୋଟିଏ ପଡ଼ିଥିଲା। ରାଜ୍ୟର କୋରାପୁଟ-ବଲାଙ୍ଗୀର-କଳାହାଣ୍ଡି ଜିଲ୍ଲା ଜାତୀୟସ୍ତରରେ ଉଚ୍ଚଶିକ୍ଷା ପ୍ରସାର କ୍ଷେତ୍ରରେ ପଛୁଆ ରହି ଆସିଥିଲା। ଏଠାରେ ସ୍ନାତକ ଶିକ୍ଷାକ୍ରମରେ ହାରାହାରି ମାତ୍ର ୧୧ ପ୍ରତିଶତ ନାମ ଲେଖାଉଥିବା ଜଣାପଡ଼ିଥିଲା। ତେଣୁ ଏହି ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ସ୍ଥାନୀୟ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯୋଜନା ହୋଇଥିଲା। ତଫସିଲଭୁକ୍ତ ଜାତି ଓ ଜନଜାତିବହୁଳ ଅଞ୍ଚଳରେ ଉଚ୍ଚଶିକ୍ଷା ବିକାଶ କ୍ଷେତ୍ରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବହୁ ପ୍ରତିକୂଳ ପରିବେଶ ସହ ସଂଘର୍ଷ କରି ଏବେ ପ୍ରଗତି ପଥରେ ଅଗ୍ରସର ହେଉଛି।

ନୂତନ ଶିକ୍ଷାନୀତି ୨୦୨୦ ରୂପାୟନରେ ସମ୍ଭାବନାମୟ ଏକବିଂଶ ଶତାବ୍ଦୀ ନିମନ୍ତେ ମାନବ ସମ୍ବଳ ସୃଷ୍ଟି ସାଙ୍ଗକୁ ଗବେଷଣା ଓ ଅନୁସନ୍ଧାନରେ ଉତ୍କର୍ଷ ସାଧନ ଦିଗରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏକ ନୂତନ ପରମ୍ପରାର ସୂତ୍ରଧର ସାଜିଛି। ମନୁଷ୍ୟ ଜୀବନର ପ୍ରଥମ ତେରବର୍ଷକୁ କିଶୋର ଅବସ୍ଥା ଭାବେ ବିବେଚନା କରାଗଲେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତିକ ଉଚ୍ଚଶିକ୍ଷା କ୍ଷେତ୍ରରେ ସମଭାବେ ପ୍ରାରମ୍ଭିକ ପର୍ଯ୍ୟାୟରେ ନିଜ ଉପସ୍ଥିତିକୁ ଜାହିର କରିବା ନିମନ୍ତେ ଉଦ୍ୟମରତ। ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ବିଗତ ବର୍ଷମାନଙ୍କରେ ଉଲ୍ଲେଖନୀୟ ଅବଦାନ ସୁସ୍ପଷ୍ଟ।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ-ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗରେ ଭାରତ ସରକାରଙ୍କ ବିଜ୍ଞାନ ଓ ଯାନ୍ତ୍ରିକ ଜ୍ଞାନ ବିଭାଗ ଅନୁଦାନରେ ଆୟୋଜିତ ଗବେଷଣାରୁ ଜଣାଯାଇଛି ଯେ ଆମ ରାଜ୍ୟର ଜଙ୍ଗଲରେ ଦେଖାଯାଉଥିବା

## ଚତୁର୍ଦ୍ଦଶ ପ୍ରତିଷ୍ଠା ଦିବସ ଉପଲକ୍ଷେ



୨୬ ଗୋଟି କିସମର କନ୍ଦା ମଧ୍ୟରୁ ୧୧ ଗୋଟି କୋରାପୁଟରେ ମିଳେ ଏବଂ ଆଠ ଗୋଟି ଖାଦ୍ୟରୂପେ ବ୍ୟବହୃତ ହୁଏ। ବିଭିନ୍ନ କିସମର କନ୍ଦାର ଗୁଣସୂତ୍ର 'ଡିଏନ୍‌ଏ' ପରୀକ୍ଷଣ ଦ୍ୱାରା ସେଗୁଡ଼ିକର ଉପାଦେୟତା ବିଶ୍ଳେଷଣ କରାଯାଇଥିଲା। ଗବେଷଣାରୁ ଜଣାପଡ଼ିଲା ଯେ କନ୍ଦାଜାତୀୟ ଖାଦ୍ୟର ବହୁଳ ଚାଷ ଦ୍ୱାରା ପୁଷ୍ଟିଦାୟକ ଖାଦ୍ୟ ଉତ୍ପାଦନରେ ସଫଳତା ମିଳିପାରିବ ଓ ଲୋକମାନଙ୍କ ପୁଷ୍ଟିହୀନତାକୁ ଦୂର କରାଯାଇପାରିବ।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବିଗତ ୨୦୨୧-୨୨ ବର୍ଷରେ ଅନ୍ୟାନ୍ୟ ଉଲ୍ଲେଖନୀୟ କାର୍ଯ୍ୟସୂଚୀ ମଧ୍ୟରେ ଚେନ୍ନାଇସ୍ଥିତ 'ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ' ସହ ଭୂତତ୍ତ୍ୱ, ସାମାଜିକ ବିଜ୍ଞାନ ଓ ଜୈବବିବିଧତା ବିଷୟରେ ଗବେଷଣା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିସହ ନୂଆଦିଲ୍ଲୀସ୍ଥିତ 'ସେଣ୍ଟର ଫର ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ' ଓ ଭୁବନେଶ୍ୱରସ୍ଥିତ 'ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମେଟାଲ୍ସ' ତଥା ଜବଲପୁରସ୍ଥିତ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ରିସର୍ଚ୍ଚ ଇନ୍ ଟ୍ରାଇବାଲ ହେଲଥ୍' ସହ ଆଦିବାସୀମାନଙ୍କ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ଗବେଷଣା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

କୋରାପୁଟସ୍ଥିତ ଅଗ୍ରଣୀ ଆଦିବାସୀ ଗବେଷଣା ସଂସ୍ଥା 'ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ' (କୋଟସ୍) ସହ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାକାଳରୁ ଅନୁବନ୍ଧିତ ହୋଇଆସିଛି। କୋରାପୁଟ ଜିଲ୍ଲାର ସ୍ୱାତନ୍ତ୍ର୍ୟ ମାଣ୍ଡିଆ ଜାତୀୟ ଶସ୍ୟ, କଳା ଧାନ ଓ ବିଭିନ୍ନ ଜଙ୍ଗଲଜାତ ଖାଦ୍ୟ ସାମଗ୍ରୀର ଗୁଣବତ୍ତା ନିର୍ଦ୍ଧାରଣ ସମ୍ପର୍କରେ ଗବେଷଣା ପ୍ରକଳ୍ପମାନ କାର୍ଯ୍ୟକାରୀ କରାଯାଇ ଆସୁଛି।

ତଫସିଲଭୁକ୍ତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ 'କେନ୍ଦ୍ରୀୟ ଲୋକସେବା ଆୟୋଗ'ଙ୍କ ଦ୍ୱାରା ଆୟୋଜିତ ସରକାରୀ ନିଯୁକ୍ତି ଲାଗି ପ୍ରତିଯୋଗିତାମୂଳକ ପରୀକ୍ଷାରେ ପାରଦର୍ଶିତା ଲାଭ ନିମନ୍ତେ ତାଲିମ ପ୍ରଦାନ ଉଦ୍ଦେଶ୍ୟରେ 'ଆମ୍ବେଦକର ସେଣ୍ଟର ଫର ଏକ୍ସଲେନ୍ସ ଫର କୋଚିଙ୍ଗ ଏସସି ଆଣ୍ଡ ଏସଟି ଷ୍ଟୁଡେଣ୍ଟସ' କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏଥିସହ ୨୦୨୨ ଅଗଷ୍ଟ ମାସରେ 'ଜନଜାତି ଡିଜିଟାଲ ସାକ୍ଷରତା କେନ୍ଦ୍ର' ମଧ୍ୟ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ 'ଉନ୍ନତ ଭାରତ ଅଭିଯାନ'ରେ ୨୦୨୨ ମେ'ମାସରେ ତିନିଦିନିଆ ମାଷ୍ଟର ତାଲିମ କର୍ମଶାଳା ସାଙ୍ଗକୁ ବହୁ ପାଠଚକ୍ର ଓ ୱେବିନାର ଆୟୋଜନ କରାଯାଇଥିଲା।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ପ୍ରସାରଣ କାର୍ଯ୍ୟକ୍ରମରେ ସଂଲଗ୍ନ ପାଞ୍ଚଗୋଟି ଗ୍ରାମକୁ ପୋଷ୍ୟଗ୍ରାମ ରୂପେ ଚିହ୍ନଟ କରାଯାଇ ସେଠାରେ ବହୁମୁଖୀ ବିକାଶ ଯୋଜନାମାନ ପ୍ରଣୟନ କରାଯାଉଛି। ଗତବର୍ଷ କୋରାପୁଟ ବନ ବିଭାଗ ସହଯୋଗରେ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ବନ ମହୋତ୍ସବ ପାଳନ ଅବସରରେ ଦଶ ହଜାର ଚାରା ରୋପଣ କରାଯାଇଛି।

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରୁ ପ୍ରାୟ ୫୦୦ କିଲୋମିଟର ଦୂରରେ ଅବସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୨୦୦ ଛାତ୍ର ଓ ଗବେଷକ ୧୪ ଗୋଟି ବିଭାଗରେ ଅଧ୍ୟୟନରତ। ଭାରତ ସରକାର ଏହି ବିଶ୍ୱବିଦ୍ୟାଳୟର ଗୁଣବତ୍ତାକୁ ବିଚାରକୁ ନେଇ ଦେଶର ୪୦ ଗୋଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ୨୫ତମ ସ୍ଥାନରେ ସ୍ଥାନୀତ କରିଛନ୍ତି ଏବଂ ଜାତୀୟ ଉଚ୍ଚଶିକ୍ଷା ଅନୁଷ୍ଠାନ ବର୍ଗୀକରଣ ସଂସ୍ଥା 'ନାକ୍' ପକ୍ଷରୁ 'ଖ' ଶ୍ରେଣୀ ବା 'ବି-ଗ୍ରେଡ୍' ସ୍ୱୀକୃତି ମିଳିଛି। ବିଶ୍ୱବିଦ୍ୟାଳୟରେ ଛାତ୍ର ଗ୍ରହଣ ନିମନ୍ତେ ଜାତୀୟସ୍ତରରେ ମିଳିତ ପ୍ରବେଶିକା ପରୀକ୍ଷା 'ସେଣ୍ଟ୍ରାଲ ୟୁନିଭରସିଟିସ କମନ ଏଣ୍ଟ୍ରାନ୍ସ ଟେଷ୍ଟ'ରେ ସାମିଲ ହୋଇଛି। ଆଗାମୀ ଶିକ୍ଷାବର୍ଷ ୨୦୨୨-୨୩ରେ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ରାଜନୀତି ବିଜ୍ଞାନ ଓ ମନସ୍ତତ୍ତ୍ୱ ସମେତ 'ସେଣ୍ଟର ଫର ପବ୍ଲିକ ପଲିସି' ନାମକ ଶିକ୍ଷାକେନ୍ଦ୍ର ଆରମ୍ଭ କରାଯିବା ପ୍ରସ୍ତାବ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ 'କୋଭିଡ୍ ୧୯' ମହାମାରୀ ହେତୁ ଦେଶର ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଭଳି ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ କେତେକ ବାଧକର ସମ୍ମୁଖୀନ ହୋଇଥିଲା। ମହାମାରୀ-ପର ଅବସ୍ଥାରେ ଚତୁର୍ଦ୍ଦଶ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିବର୍ତ୍ତିତ ପରିବେଶ 'ନ୍ୟୁ-ନରମାଲ'ରେ ପରିବର୍ଦ୍ଧିତ ସଂକଳ୍ପ ନେଇ ଉନ୍ନତ ଭାରତରେ ଉନ୍ନତ ଭବିଷ୍ୟତର ଆହ୍ୱାନ ସାକାର କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ।




ODIA ORBIT | ODISHA | ODISHA BREAKING NE...

# Central University Of Odisha Celebrates 14th Foundation Day.

By OdAdmin — On Aug 30, 2022

Share

Koraput: The Central University of Odisha celebrated its 14th Foundation Day on 29th August 2022 at its Sunabeda Campus through blended mode. The Hon'ble Minister of Education and Minister of Skill Development, Govt of India, Shri Dharmendra Pradhan graced the function as the Chief Guest. He addressed the gathering through virtual mode and stressed the need for research and development towards promoting local food processing sector of the Koraput region.

He said that paddy, mango, ragi, vegetables and especially Koraput coffee produced in organic farming system in Koraput are special. The Prime Minister spoke on promoting millets or ragi in Mann Ki Baat. So, we have to give priority in this regard. The biscuits made from the ragi of Koraput have to be taken to the global market.

On the occasion of the 76th Independence Day, Hon'ble Prime Minister Modi urged the people of the country to take five resolutions with a developed India. On the call of the Prime Minister, Koraput, a region of immense potential, will be made a hub of the manufacturing sector. Not only production of bauxites but high quality aluminum manufacturing centre will have to be set up in Koraput. He said that to be a partner in taking Odisha to new heights and make collective efforts to strengthen the country's economy.

The Union minister said education is the only key to eradicating poverty. In order to make the best use of this education, the Hon'ble Prime Minister Modi has envisioned the National Education Policy. We all need to work together to take the Central University of Odisha forward through this education policy. Similarly, in the new education policy, mother tongue is given priority. The empowerment of the tribes is also inherent in their language. Providing education to the tribes in their local language will lead to growth in the development of primary education of the tribes and manifestation of critical thinking.
Educational institutions in our state and the country are running on the taxes of the common man. In return, it is our responsibility to give the common man his due through education. Shri Pradhan called for establishing India as an educated society and taking the responsibility of the downtrodden with hard work, perseverance and purushartha.
The country has completed 75 years of independence. Pradhan said that the contribution of many leaders like Laxman Naik, ChakaraBisoi, Bir Surendra Sai, Madho Singh, the tribal freedom fighters of aspiring District Koraput and their sacrifice in giving freedom to the country.

The Vice Chancellor I/c Prof. Sharat Kumar Palita delivered the inaugural address and congratulated the CUO fraternity for successfully completing 13 years. He narrated the achievements of the University since




## Recent Posts


Jindal Stainless wins 'Emerging Steel Company of the...
Aug 30, 2022 0


India no longer weak, it is strong & well-equipped...
Aug 30, 2022 0


Singing of MoU between NHLML and Katra Development...
Aug 30, 2022 0


Union Minister Dr Jitendra Singh says, over the last 8...

13 years of its inception. He highlighted the key developments of the University in recent years including conducting of UGC Master Trainers' Programme, signing of MoUs with six important organizations and conduct of important seminars and conferences. He said that the Central University of Odisha have succeeded in some extent in fulfilling the needs of the people, but it has a long way to go and still a lot of work to do for achieving academic excellence. He also highlighted the achievements of each department and its faculty members.

The Foundation Day Lecture was delivered by Shri Amitabh Kant, SHERPA G20, India, who praised the University for continuing its strive for academic success. His positive note was that more than 50 per cent of the students are girls. The University plays a key role in the developmental scenario and the University could create a niche for itself in many areas. He urged the young generation not to be demoralized by the impact of the pandemic which they faced at a young age; rather they should be confident and determination to move ahead. He stressed the need for adopting new technology for future generation. He also gave importance to digital economy and promotion of modern technology like artificial intelligence in every sector. Entrepreneur should also be promoting start-up programmes with domestic and foreign capitals. Till date India has promoted more than seventy thousand start-up in India and NitiAyog also planning this way for development. The young generation has greater responsibility towards the world sustainability. Not only science and technology but also in other sectors like sports and other passion of life.

The distinguished guest eminent scientist Padma BhusanProf. Nirmal Kumar Ganguly, former director General ICMR stressed upon the growth of education and research for overall development. Apart from studies the students should focus on learning of other aspect like music, culture, sports, heritage and etc. It is important to build up tribal culture, health and organic farming in improving the livelihood of the tribes and the Central University of Odisha should help in achieving this.
The meeting was also attended by other eminent dignitaries including Shri Raghuram Padal, Hon'ble MLA Koraput and Chairman District planning Committee, Koraput; Shri PreetamPadhy, Hon'ble MLA Pottangi, Shri Rajendra Patra, Chairman, Sunabeda Municipality; Members of the Executive Council Prof. Meena Hariharan and Prof. Manjula Rana; Prof. P.S. Rana of HNB Garwal University, Prof. Sunil Kant Behera, Visiting Professor; Shri Brune A, Comandant 202 CRPF, Shri Krushna Singh, Eminent Social Activist in physical mode. Many eminent persons like Prof. Aditya Prasad Dash, FmrVc, Central University of Tamil Nadu, Sri CharudattPanigrahi, Mentor and Founder FIDR, Gurugaon, and Founder, CYSD, Bhubaneswar and Dr. Ram Shankar, Director, CBSE were present online.

At the beginning the Vice-Chancellor I/c., Prof. S. K. Palita unfurled the University flag and addressed the University community. Prof. Asit Kumar Das, Registrar of the University delivered the welcome address. On this occasion three booklets- Achievement -cum-Activity Report, Report on CBPR Workshop and Proceeding of one Intl. seminar of J&MC wereredleased
Dr. Ramendra Kumar Pardhi, DSW I/c proposed the vote of thanks and Dr. MinatiSahu, Head I/c Economics anchored and coordinated the programme which was attended by all the faculty members, Officers, Staff, Students, and Scholars of the University and other dignitaries of the civil society.

Central University of Odisha

Share

OdAdmin

PREV POST
Johannes Zutt is the new World Bank director for Brazil

NEXT POST
Centre issues 63 show cause notices to the manufactures/importers of weighing and measuring instruments to seek details of compliance

You Might Also Like

More From Author









# CUO's 14th Foundation Day tomorrow: Union Minister Pradhan to grace event as chief guest

by Argus News

Koraput| Sun, Aug 28 | 2:00 p.m.

Share story



**Koraput, Aug 28:** The Central University of Odisha (CUO) will celebrate its 14th Foundation Day tomorrow (August 29) on its Campus at Sunabeda in the Koraput district.

The University is conducting this year's Foundation Day celebration in physical mode after two years gap, though some dignitaries may join the meeting online.

Dharmendra Pradhan, Union Minister, of Education and Skill Development & Entrepreneurship will attend the function as Chief Guest and will release the "Achievement -cum-Activity Report".

The Foundation Day Lecture will be delivered by Prof Amitabh Kant, Sherpa G20, India and former CEO, NITI Ayog. He will deliver the lecture through online mode. Padma Bhusan Prof Nirmal Kumar Ganguly, Former Director General, Indian Council of Medical Research will grace the occasion as the Distinguished Guest. T

Vice-Chancellor of the University Prof. Sharat Kumar Pallita will preside over the meeting.

On the occasion, President Draupadi Murmu, who is also the Visitor of Central University congratulates the University fraternity through her message. Messages of good wishes have also been received from the =Governor of Odisha, Prof. Ganeshi Lal and Chief Minister of Odisha Naveen Patnaik.

The Central University of Odisha was established on this date in 2009 under the Central University Act, of 2009. It was established along with nine other Central Universities of the country. Since its inception, the University has marched ahead with its vision and mission and striving to fulfil the educational aspirations of the region.

During the last 13 years the University has established 14 Departments with research programme in nine subjects. During this year the University has signed six MoUs with various organisaitons for collaborative research and development works.

Share story

COVID-19 STATS ODISHA INDIA WORLD DETAILS >
TOTAL ACTIVE RECOVERED DEATHS VACCINATED

CM Hemant Soren, UPA MLAs arrive at Ranchi airport

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୪ତମ ପ୍ରତିଷ୍ଠା ଦିବସ

## ଦାରିଦ୍ର୍ୟତାକୁ ଦୂର କରିବାରେ ଶିକ୍ଷା ହେଉଛି ଏକ ମାତ୍ର ଚାବିକାଠି – କେନ୍ଦ୍ର ଶିକ୍ଷା ମନ୍ତ୍ରୀ




କୋରାପୁଟ,୨୯।୮(ଅନୁପମ ମିଡ଼ିଆ) : ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଜି ୧୪ତମ ପ୍ରତିଷ୍ଠା ଦିବସ ସୁନାବେଡ଼ାସ୍ଥିତ ସ୍ଥାୟୀ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଲିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାରୋହର ଉଦ୍‌ଘାଟନ କରିଥିଲେ ।

ଆଦିବାସୀ ବହୁଳ ତଥା ଶିକ୍ଷା କ୍ଷେତ୍ରରେ ବହୁ ପଛରେ ଥିବା କେବିକେ ଅଞ୍ଚଳରେ ଶିକ୍ଷାର ବିକାଶ ସହ ଭଲମାନର ଶିକ୍ଷାଦାନ ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ । କୋରାପୁଟ ଅଞ୍ଚଳରେ ଜୈବ ପଦ୍ଧତିରେ ଉତ୍ପାଦିତ ଖାଦ୍ୟ ପଦାର୍ଥର ପ୍ରକ୍ରିୟାକରଣ କରାଯିବା ଉପରେ ମୁଖ୍ୟ ଅତିଥି ଗୁରୁତ୍ୱ ଦେଇ ଧାନ, ଆମ୍ବ, ମାଣ୍ଡିଆ, ପନିପରିବା ଓ କୋରାପୁଟ କଫି ଭଳି ଉତ୍ପାଦନ ସବୁବେଳେ ସ୍ୱତନ୍ତ୍ର ତେଣୁ ଏହି ସବୁ ସାମଗ୍ରୀର ସଦ୍‌ବ୍ୟବହାର କରିବା ଉପରେ କେନ୍ଦ୍ର ମନ୍ତ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ । ଅନ୍ୟ ପକ୍ଷରେ ମାଣ୍ଡିଆର ପ୍ରସାର ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ କି ବାତରେ ଉଲ୍ଲେଖ କରିଥିବାରୁ ମାଣ୍ଡିଆ ଟିଆର୍ଗି ବିସ୍କୁଟକୁ ଆନ୍ତର୍ଜାତୀୟ ସ୍ତରରେ ବଜାରୀକରଣ କରାଯିବ ବୋଲି ପ୍ରଧାନ ଘୋଷଣା କରିବା ସହ ଏଥିରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ସହଯୋଗୀ ହେବାକୁ ପରାମର୍ଶ ଦେଇଥିଲେ । ଦାରିଦ୍ର୍ୟତାକୁ ଦୂର କରିବାରେ ଏକ ମାତ୍ର ଚାବିକାଠି ହେଉଛି ଶିକ୍ଷା ବୋଲି ସେ ଅଭିହିତ କରିଥିଲେ । ଏହି ଶିକ୍ଷାନୀତି ମାଧ୍ୟମରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଆଗକୁ ନେବା ପାଇଁ ଆମେ ସମସ୍ତେ ମିଶି ସଂକଳ୍ପ ନେବା ଦରକାର ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇସିଏମଆରର ଅବସରପ୍ରାପ୍ତ ମହାନିର୍ଦ୍ଦେଶକ ପ୍ରଫେସର ନିର୍ମଳ କୁମାର ଗାଙ୍ଗୁଲି ଯୋଗ ଦେଇ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ପ୍ରତିଷ୍ଠା ଦିବସ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ ଯୋଗଦେଇ ସେର୍ପା ଜି-୨୦ ଭାରତ ସ୍ଥାପନ ଦିବସ ବକ୍ତୃତା ପ୍ରଦାନ କରି ଶିକ୍ଷାଗତ ସଫଳତା ନିମନ୍ତେ ପ୍ରୟାସ ଜାରି ରଖିଥିବାରୁ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ । ବିଶ୍ୱବିଦ୍ୟାଳୟକୁ ବିଭିନ୍ନ କ୍ଷେତ୍ରରେ ହାଲ ଏବଂ ନାଲକୋ ସମେତ ଅନ୍ୟ ସଂସ୍ଥା ସାହାଯ୍ୟ ସହଯୋଗ ଦେଇ ଆସୁଥିବାରୁ କୁଳପତି ଉଭୟ ସଂସ୍ଥାକୁ କୃତଜ୍ଞତା ଜଣାଇବା ସହ ଆଗତ ଦିନରେ ମଧ୍ୟ ଏପରି ସହଯୋଗ ମିଳିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯିବା ସହ ତିନୋଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ, ପଟାଙ୍ଗୀ ବିଧାୟକ ପୀତମ ପାଢ଼ୀ, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ଡ଼.ରାଜେନ୍ଦ୍ର କୁମାର ପାତ୍ର, ବିଶିଷ୍ଟ ସମାଜସେବୀ କୃଷ୍ଣ ସିଂହ ଏବଂ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁଳ ସଚିବ ଡ଼.ଅସୀତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ ଡ଼.ରମେନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଅର୍ଥନୀତି ବିଭାଗର ସହାୟକ ପ୍ରଫେସର ଡ. ମିନତି ସାହୁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମାରୋହରେ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ଛାତ୍ରଛାତ୍ରୀ ଓ ଜନ ସମ୍ପର୍କ ଅଧିକାରୀ ଡ଼.ଫଗୁନାଥ ଭୋଇ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

THE NEW INDIAN EXPRESS
ODIS




The Union Education Minister addressing CUO's foundation day ceremony virtually

CUO FOUNDATION DAY

# Koraput to be made a manufacturing hub, says Pradhan

EXPRESS NEWS SERVICE
@ Bhubaneswar / Jeypore

UNION Education Minister Dharmendra Pradhan on Monday said Koraput will be converted into a hub of the manufacturing sector.

Attending the 14th foundation day ceremony of the Central University of Odisha (CUO) in Koraput virtually as the chief guest, Pradhan said during the Independence Day celebration, Prime Minister Narendra Modi urged the people of the country to take five resolutions for a developed India. "On the call of the Prime Minister, Koraput, a region with immense potential, will be made a hub of the manufacturing sector. Apart from production of bauxite, a high quality aluminium manufacturing centre will have to be set up in Koraput," he said.

He urged the CUO to work towards promoting local produce, be it organic crops or food products, through research and development. "Crops like paddy, mango, ragi and vegetables besides Koraput Coffee produced in the region organically hold a special place in the market. The Prime Minister in his last Mann Ki Baat address spoke about promoting millets (ragi). So, ragi has to be prioritised. The biscuits made from the ragi of Koraput have to be taken to the global market," the Union Minister said.

Pradhan further said the Prime Minister has envisioned the National Education Policy (NEP) as a means to eradicate poverty. "We all need to work together to take CUO forward through this education policy. Mother tongue has also been given priority in the NEP. Providing education to the tribes in their local language will lead to development of primary education and manifestation of critical thinking," he said.

Delivering the foundation day lecture, former NITI Aayog CEO and India's new Sherpa for the G-20 Amitabh Kant laid stress on importance of digital economy and promotion of modern technology like artificial intelligence in every sector. "Entrepreneurs should also be promoting startup programmes with domestic and foreign capitals. Till date, India has promoted more than 70,000 startups," he said.

Speaking on the occasion CUO Vice-Chancellor in-charge Prof Sharat Kumar Palita said the university has succeeded in fulfilling the needs of people to some extent, but it has a long way to go for achieving academic excellence.

Among others, eminent scientist Prof Nirmal Ganguly and Koraput MLA Raghuram Padal were present.

Scanned with CamScanner

50 YEARS ପ୍ରଗତିବାଦୀ



## କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଧର୍ମେନ୍ଦ୍ରଙ୍କ ଉଦବୋଧନ

# ଜନଜାତି ନିଜ ଭାଷାରେ ପଢିଲେ ଶିକ୍ଷାର ବିକାଶ

■ କୋରାପୁଟ,ତା୨୯।୮ (ପିଏନଏସ) କୋରାପୁଟରେ ଜୈବିକ ପ୍ରଣାଳିରେ ଉତ୍ପାଦନ ହେଉଥିବା ଧାନ, ଆମ୍ବ, ମାଣ୍ଡିଆ, ପନିପରିବା ଓ କଫି ଭଳି ସୁପର ଫୁଡକୁ ଅନ୍ତରାଷ୍ଟ୍ରୀୟ ସ୍ତରକୁ ନେବାକୁ ହେବ । ଏଥିପାଇଁ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଖାଦ୍ୟ ପ୍ରକ୍ରିୟା କରଣ କେନ୍ଦ୍ରର ସାହାଯ୍ୟ ନେଇ ଗବେଷଣା ଦ୍ୱାରା ଜିଲ୍ଲାର ସୁପର ଫୁଡକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ପହଞ୍ଚାଇବା ଦିଗରେ ସହଯୋଗୀ ହେବ ବୋଲି କେନ୍ଦ୍ର ଶିକ୍ଷା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏଥିସହିତ ଜନଜାତିମାନେ ତାଙ୍କ ନିଜଭାଷାରେ ପାଠପଢିଲେ ଶିକ୍ଷାର ବିକାଶ ଘଟିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୪ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଭର୍ଚୁଆଲ ମୋଡରେ ଯୋଗଦେଇ ଶ୍ରୀପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ, କୋରାପୁଟରେ ଜୈବିକ ଚାଷ ପ୍ରଣାଳୀରେ ଉତ୍ପାଦିତ ହେଉଥିବା ଧାନ, ଆମ୍ବ, ମାଣ୍ଡିଆ, ପନିପରିବା ଓ କୋରାପୁଟ କଫି ସ୍ୱତନ୍ତ୍ର । ପ୍ରଧାନମନ୍ତ୍ରୀ ମନ କି ବାତରେ ମିଲେଟ ବା ମାଣ୍ଡିଆକୁ ପ୍ରୋତ୍ସାହନ ଦେବା ଲାଗି ଗୁରୁତ୍ୱ ଦେଇଛନ୍ତି । ତେଣୁ ଏଦିଗରେ ଆମକୁ ପ୍ରାଥମିକତା ଦେବାକୁ ପଡିବ । କୋରାପୁଟର ମାଣ୍ଡିଆରୁ ପ୍ରସ୍ତୁତ ବିସ୍କୁଟକୁ ବିଶ୍ୱବଜାରରେ ପହଞ୍ଚାଇବାକୁ ହେବ । ପ୍ରଧାନମନ୍ତ୍ରୀ ମୋଦି ୭୬ତମ ସ୍ୱାଧୀନତା ଦିବସ ଅବସରରେ ବିକଶିତ ଭାରତ ସହ ୫ଟି ସଂକଳ୍ପ ନେବାପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଅପାର ସମ୍ଭାବନାର ଅଞ୍ଚଳ କୋରାପୁଟକୁ ବିନିର୍ମାଣ କ୍ଷେତ୍ରର ପେଣ୍ଠସ୍ଥଳୀ କରିବାକୁ ହେବ । ବକ୍ସାଇଟକୁ କେବଳ ରପ୍ତାନୀ କଲେ ହେବନାହିଁ ବରଂ କୋରାପୁଟରେ ଉଚ୍ଚମାନର ଆଲୁମିନିୟମ ବିନିର୍ମାଣ କେନ୍ଦ୍ର ସ୍ଥାପନ କରିବାକୁ ହେବ । ଓଡ଼ିଶାକୁ ଶୀର୍ଷର ସଫଳତାରେ ପହଞ୍ଚାଇବା ପାଇଁ ସହାଯୋଗୀ ହେବା ଓ ଦେଶର ଅର୍ଥନୀତିକୁ ମଜବୁତ କରିବା ପାଇଁ ସାମୂହିକ ଉଦ୍ୟମ କରିବା ବୋଲି ସେ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀପ୍ରଧାନ କହିଛନ୍ତି ଯେ, ଦାରିଦ୍ର୍ୟତାକୁ ଦୂରକରିବାର ଏକମାତ୍ର ଚାବିକାଠି ହେଉଛି ଶିକ୍ଷା । ଏହି ଶିକ୍ଷାର ସଦୁପଯୋଗ କରିବା ପାଇଁ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନୀତିର କଳ୍ପନା କରିଛନ୍ତି । ଏହି ଶିକ୍ଷା ନୀତି ମାଧ୍ୟମରେ କୋରାପୁଟ



■ **କୋରାପୁଟରେ ଜୈବିକ ଚାଷ ପ୍ରଣାଳୀରେ ଉତ୍ପାଦିତ ଧାନ, ଆମ୍ବ, ମାଣ୍ଡିଆ, ପନିପରିବା ଓ କଫି ସ୍ୱତନ୍ତ୍ର**

■ **ମାଣ୍ଡିଆରୁ ପ୍ରସ୍ତୁତ ବିସ୍କୁଟକୁ ବିଶ୍ୱବଜାରରେ ପହଞ୍ଚାଇବାକୁ ହେବ**

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଆଗକୁ ନେବା ପାଇଁ ଆମେ ସମସ୍ତେ ମିଶି ସଂକଳ୍ପ ନେବା ଦରକାର । ସେହିପରି ନୂଆ ଶିକ୍ଷା ନୀତିରେ ମାତୃ ଭାଷାକୁ ପ୍ରାଧାନ୍ୟ ଦିଆଯାଉଛି । ଜନଜାତିଙ୍କ ସଶକ୍ତି କରଣ ମଧ୍ୟ ସେମାନଙ୍କ ଭାଷାରେ ହିଁ ଅନ୍ତର୍ନିହିତ ଜନଜାତିଙ୍କୁ ସେମାନଙ୍କ ସ୍ଥାନୀୟ ଭାଷାରେ ଶିକ୍ଷା ପ୍ରଦାନ କରାଗଲେ ଜନଜାତିଙ୍କ ପ୍ରାଥମିକ ଶିକ୍ଷାର ବିକାଶରେ ଅଭିବୃଦ୍ଧି ଘଟିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସାମାନ୍ୟ ଲୋକଙ୍କ

ଟିକସରେ ଆମ ରାଜ୍ୟ ଓ ଦେଶର ଶିକ୍ଷାନୁଷ୍ଠାନ ଚାଲୁଛି । ପ୍ରତିବଦଳରେ ଆମର ଦାୟିତ୍ୱ ହେଉଛି ଶିକ୍ଷା ମାଧ୍ୟମରେ ସାଧାରଣ ଲୋକଙ୍କୁ ତାଙ୍କ ଟିକସର ଉଚିତ ପ୍ରାପ୍ୟ ଦେବା । ଭାରତକୁ ଶିକ୍ଷିତ ସମାଜ ଭାବେ ପ୍ରତିଷ୍ଠା କରିବା ଓ ପରିଶ୍ରମ ଓ ପରାକାଷ୍ଠା ବଳରେ ନିଷ୍ପେସିତ ଲୋକଙ୍କୁ ସମାଜର ଉପରସ୍ତରକୁ ନେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି । ଦେଶ ସ୍ୱାଧୀନତା ୭୫ ବର୍ଷ ପୂରଣ କରିଛି । ଦେଶକୁ ସ୍ୱାଧୀନତା ଦେବା ଓ ଆଧୁନିକ ଓଡ଼ିଶା ନିର୍ମାଣ କରିବା ଓ ନାଗରିକଙ୍କୁ ଗଣତନ୍ତ୍ରର ଅଧିକାର ଦେବାରେ ଆକାଂକ୍ଷୀ ଜିଲ୍ଲା କୋରାପୁଟ ତଥା ଜନଜାତି ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାଏକ, ଚକରା ବିଷୋଇ, ବୀର ସୁରେନ୍ଦ୍ର ସାଏ ଓ ମାଧୋ ସିଂଙ୍କ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଅତୁଳନୀୟ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଛନ୍ତି ।

ସକାଳ
THE SAKALA
ମଙ୍ଗଳବାର
୩୦ ଅଗଷ୍ଟ, ୨୦୨୨

www.sakalaepaper.com

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୪ତମ ପ୍ରତିଷ୍ଠା ଦିବସ

# ମାଣ୍ଡିଆ ବିସ୍କୁଟ୍‌ର ଅନ୍ତର୍ଜାତୀୟ ବଜାରୀକରଣ କରାଯିବ: ଧର୍ମେନ୍ଦ୍ର

କୋରାପୁଟ/ସୁନାବେଡ଼ା,୨୯।୮ (ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ୍‌ର ଆଜି ୧୪ତମ ପ୍ରତିଷ୍ଠା ଦିବସ ସୁନାବେଡ଼ା ସ୍ଥିତ ସ୍ଥାୟୀ କ୍ୟାମ୍ପସରେ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପାଲିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାରୋହର ଉଦଘାଟନ କରିଥିଲେ। ଆଦିବାସୀ ବହୁଳ ତଥା ଶିକ୍ଷା କ୍ଷେତ୍ରରେ ବହୁପଛରେ ଥିବା କେବିକେ ଅଞ୍ଚଳରେ ଶିକ୍ଷାର ବିକାଶ ସହ ଉଚ୍ଚମାନର ଶିକ୍ଷାଦାନ ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ । କୋରାପୁଟ ଅଞ୍ଚଳରେ ଜୈବିକ ପଦ୍ଧତିରେ ଉତ୍ପାଦିତ ଖାଦ୍ୟ ପଦାର୍ଥର ପ୍ରକ୍ରିୟାକରଣ କରାଯିବା ଉପରେ



ମୁଖ୍ୟଅତିଥି ଗୁରୁତ୍ୱ ଦେଇ ଧାନ, ଆମ୍ବ, ମାଣ୍ଡିଆ, ପନିପରିବା ଓ କୋରାପୁଟ କଫି ଭଳି ଉତ୍ପାଦନ ସବୁବେଳେ ସ୍ୱତନ୍ତ୍ର ତେଣୁ ଏହି ସବୁ ସାମଗ୍ରୀର ସଦବ୍ୟବହାର କରିବା ଉପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ । ଅନ୍ୟପକ୍ଷରେ ମାଣ୍ଡିଆର ପ୍ରସାର ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତରେ ଉଲ୍ଲେଖ କରିଥିବାରୁ ମାଣ୍ଡିଆ ତିଆରି ବିସ୍କୁଟକୁ ଅନ୍ତର୍ଜାତୀୟ ସ୍ତରରେ ବଜାରୀକରଣ କରାଯିବ ବୋଲି ଶ୍ରୀ ପ୍ରଧାନ ଘୋଷଣା କରିବା ସହ ଏଥିରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ସହଯୋଗୀ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଆଇସିଏମଆରର ଅବସରପ୍ରାପ୍ତ ମହାନିର୍ଦ୍ଦେଶକ ପ୍ରଫେସର ନିର୍ମଳ କୁମାର ଗାଙ୍ଗୁଲି ଯୋଗଦେଇ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ପ୍ରତିଷ୍ଠା ଦିବସ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ ଶେର୍ପା ଜି-୨୦ ଭାରତ ସ୍ଥାପନା ଦିବସ ବକ୍ତୃତା ପ୍ରଦାନ କରି ଶିକ୍ଷାଗତ ସଫଳତା ନିମନ୍ତେ ପ୍ରୟାସ ଜାରି ରଖିଥିବାରୁ ବିଶ୍ୱବିଦ୍ୟାଳକୁ ପ୍ରଶଂସା କରିଥିଲେ । ବିଶ୍ୱବିଦ୍ୟାଳୟକୁ ବିଭିନ୍ନ କ୍ଷେତ୍ରରେ ହାଲ୍ ଏବଂ ନାଲକୋ ସମେତ ଅନ୍ୟ ସଂସ୍ଥା ସାହାଯ୍ୟ ସହଯୋଗ ଦେଇଆସୁଥିବାରୁ କୁଳପତି ଉଭୟ ସଂସ୍ଥାକୁ କୃତଜ୍ଞତା ଜଣାଇବା ସହ ଆସନ୍ତା ଦିନରେ ମଧ୍ୟ ଏପରି ସହଯୋଗ ମିଳିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ତିନୋଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ୍, ପଟାଙ୍ଗୀ ବିଧାୟକ ପିତମ ପାଢ଼ି, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ଡଃ.ରାଜେନ୍ଦ୍ର କୁମାର ପାତ୍ର, ବିଶିଷ୍ଟ ସମାଜସେବୀ କୃଷ୍ଣ ସିଂହ୍ ଏବଂ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁଳସଚିବ ଡଃ.ଅସୀତ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଡଃ.ରମେନ୍ଦ୍ର କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ସମାରୋହରେ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ଛାତ୍ରଛାତ୍ରୀ ଓ ଜନସମ୍ପର୍କ ଅଧିକାରୀ ଡଃ.ଫଗୁନାଥ ଭୋଇ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କୋରାପୁଟ କୃଷିଜାତ ଦ୍ରବ୍ୟ ବିଶ୍ୱସ୍ତରୀୟ କରିବାକୁ ଉଦ୍ୟମ ହେଉ: ଧର୍ମେନ୍ଦ୍ର

ସୁନାବେଡ଼ା,୨୯।୮ (ନି.ପ୍ର): ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ଆଭାସି ମାଧ୍ୟମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କୋରାପୁଟ ଅଞ୍ଚଳର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

ପ୍ରୋତ୍ସାହିତ କରିବା ଦିଗରେ ଅନୁସନ୍ଧାନ ଏବଂ ବିକାଶର ଆବଶ୍ୟକତା ରହିଛି ବୋଲି କହିଥିଲେ। କୋରାପୁଟ ଜୈବିକ ଚାଷ ପ୍ରଣାଳୀରେ ଉତ୍ପାଦିତ ଧାନ, ଆମ୍ବ, ରାଗି (ମାଣ୍ଡିଆ), ପରିବା ଏବଂ କଫିର ସୁନାମ ରହିଛି। ପ୍ରଧାନମନ୍ତ୍ରୀ ମଧ୍ୟ ବାବଦରେ ମିଲେଟ, ରାଗି ପ୍ରଚାର କରିବା ଉପରେ ପରାମର୍ଶ ଦେଇଛନ୍ତି। ଆମକୁ ଏ କ୍ଷେତ୍ରରେ ପ୍ରାଥମିକତା ଦେବାକୁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କୋରାପୁଟର ରାଗି(ମାଣ୍ଡିଆ)ରୁ ପ୍ରସ୍ତୁତ ବିସ୍କୁଟକୁ ବିଶ୍ୱ ବଜାରକୁ ନେବାର ଆବଶ୍ୟକତା ରହିଛି। ଉତ୍ପାଦନ କ୍ଷେତ୍ରରେ କୋରାପୁଟ ଏକ ହବ୍ ହେବ। କେବଳ ବକ୍ସାଇଟ୍ ଉତ୍ପାଦନ ନୁହେଁ କୋରାପୁଟରେ ଉତ୍ତମମାନର ଆଲୁମିନିୟମ୍ ଉତ୍ପାଦନକେନ୍ଦ୍ର ସ୍ଥାପନ କରିବାକୁ ପଡ଼ିବ। ସେ କହିଛନ୍ତି ଯେ ଓଡ଼ିଶାକୁ ନୂତନ ଉଚ୍ଚତାକୁ ଆଣିବା ଏବଂ ଦେଶର ବିକାଶ କରିବା ପାଇଁ ସାମୂହିକ



ଉଦ୍ୟମ କରିବାରେ ସମସ୍ତ ଅଂଶୀଦାର ହେବା ଦରକାର। ଦାରିଦ୍ର୍ୟ ଦୂରୀକରଣ ପାଇଁ ଶିକ୍ଷା ଏକମାତ୍ର ଚାବି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଶିକ୍ଷାର ସର୍ବୋତ୍ତମ ଉପଯୋଗ କରିବାକୁ ପ୍ରଧାନମନ୍ତ୍ରୀ ମୋଦୀ ଜାତୀୟ ଶିକ୍ଷାନୀତିର କଳ୍ପନା କରିଛନ୍ତି। ଏହି ଶିକ୍ଷାନୀତି ମାଧ୍ୟମରେ ଓଡ଼ିଶାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଆଗକୁ ନେବାପାଇଁ ଆମେ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ। ସେଥିଲାଗି ନୂତନ ଶିକ୍ଷାନୀତିରେ ମାତୃଭାଷାକୁ ପ୍ରାଧାନ୍ୟ ଦିଆଯାଇଛି। ଆଦିବାସୀଙ୍କୁ ସ୍ଥାନୀୟ ଭାଷାରେ ଶିକ୍ଷା ପ୍ରଦାନ କରିବା ଦ୍ୱାରା ସେମାନଙ୍କ ପ୍ରାଥମିକ ଶିକ୍ଷା ବିକାଶର ଅଭିବୃଦ୍ଧି ହେବ। ଆମ ରାଜ୍ୟ ତଥା ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକ ସାଧାରଣ ଲୋକଙ୍କ ଟିକସ ଉପରେ ଚାଲୁଛି। ଏହାର ପ୍ରତିବଦଳରେ, ଶିକ୍ଷା ମାଧ୍ୟମରେ ସାଧାରଣ ଲୋକଙ୍କୁ ତାଙ୍କର ଉଚିତ୍ ପ୍ରାପ୍ୟ ପ୍ରଦାନ କରିବା ଆମର ଦାୟିତ୍ୱ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଲିତା ଯୋଗଦେଇ ବିଶ୍ୱବିଦ୍ୟାଳୟର ସଫଳତା ବିଷୟରେ କହିଥିଲେ। ନିଜ ଅଭିଭାଷଣ [illegible] କହିଥିଲେ, ବିକାଶମୂଳକ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଭବିଷ୍ୟତ ଦିଗ ପାଇଁ ନୂତନ ପାଠ୍ୟକ୍ରମଗୁଡ଼ିକ ଗ୍ରହଣ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସାମଗ୍ରିକ ବିକାଶ ପାଇଁ ଶିକ୍ଷା ଏବଂ ଅନୁସନ୍ଧାନର ଅଭିବୃଦ୍ଧି ଉପରେ ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ଆଇସିଏମଆର ନିର୍ମଳ କୁମାର ଗାଙ୍ଗୁଲି ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ, ପଟାଙ୍ଗି ବିଧାୟକ ପିତାମ ପାଢ଼ୀ, ସୁନାବେଡ଼ା [illegible] ଡକ୍ଟର ରାଜେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଅଲୋକ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଛାତ୍ରକଲ୍ୟାଣ ଡିନ୍ ଡକ୍ଟର ରଚନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର [illegible] ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

Scanned with CamScanner

ସମ୍ବାଦ

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୪ତମ ପ୍ରତିଷ୍ଠା ଦିବସ

# ମାଣ୍ଡିଆ ବିସ୍କୁଟକୁ ବିଶ୍ୱ ବଜାରରେ ପହଞ୍ଚାଇବାକୁ ହେବ: ଧର୍ମେନ୍ଦ୍ର

କୋରାପୁଟ,୨୯/୮(ଇମିସ): କୋରାପୁଟ ଜିଲ୍ଲାରେ ସ୍ଥାନୀୟ ଖାଦ୍ୟର ପ୍ରକ୍ରିୟାକରଣ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ ଗବେଷଣାର ଆବଶ୍ୟକତା ରହିଛି। ଏଥିପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ରର ସାହାଯ୍ୟ ନେଉ। ଗବେଷଣା ଦ୍ୱାରା ଜିଲ୍ଲାର ସୁପର ଫୁଡ୍‌କୁ ବିଶ୍ୱସ୍ତରରେ ପହଞ୍ଚାଇବା ଦିଗରେ ସହଯୋଗୀର ଭୂମିକା ଗ୍ରହଣ କରୁ। ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୪ତମ ପ୍ରତିଷ୍ଠା ଦିବସରେ ଏମିତି ଆହ୍ୱାନ ଦେଇଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଭର୍ଚୁଆଲ ମାଧ୍ୟମରେ ଶ୍ରୀ ପ୍ରଧାନ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। କୋରାପୁଟରେ ଜୈବିକ ପ୍ରଣାଳୀରେ ଉତ୍ପାଦିତ ହେଉଥିବା ଧାନ, ଆମ୍ବ, ମାଣ୍ଡିଆ, ପରିବା ଓ କଫି ସ୍ୱତନ୍ତ୍ର। ତେଣୁ ଏ ଦିଗରେ ଆମକୁ ପ୍ରାଥମିକତା ଦେବାକୁ ହେବ। କୋରାପୁଟ ମାଣ୍ଡିଆରୁ ପ୍ରସ୍ତୁତ ବିସ୍କୁଟ ବିଶ୍ୱ ବଜାରରେ ପହଞ୍ଚାଇବାକୁ ପଡ଼ିବ। ସେହିପରି ପ୍ରଧାନମନ୍ତ୍ରୀ ୭୬ତମ ସ୍ୱାଧୀନତା ଦିବସ ଅବସରରେ ବିକଶିତ ଭାରତ ସହ ପାଞ୍ଚଟି ସଂକଳ୍ପ ନେବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। କେବଳ ବକ୍ସାଇଟ ରପ୍ତାନି ନ କରି କୋରାପୁଟରେ ଉଚ୍ଚମାନର ଆଲୁମିନିୟମ ବିନିର୍ମାଣ କେନ୍ଦ୍ର ସ୍ଥାପନା କରିବାକୁ ହେବ। ଓଡ଼ିଶାକୁ ନୂଆ ଉଚ୍ଚତାକୁ ନେବା ପାଇଁ ସହଯୋଗୀ ହୋଇ ଦେଶର ଅର୍ଥନୀତିକୁ ମଜଭୁତ୍ ନିମନ୍ତେ ସାମୁହିକ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ।

ଶିକ୍ଷା ହିଁ ଦାରିଦ୍ର୍ୟକୁ ଦୂର କରିପାରିବ। ଶିକ୍ଷାର ସଦୁପଯୋଗ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜାତୀୟ ଶିକ୍ଷା ନୀତିର ପରିକଳ୍ପନା କରିଛନ୍ତି। ଶିକ୍ଷା ନୀତି ମାଧ୍ୟମରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍ତରକୁ ବଢ଼ାଇବା ପାଇଁ ସମସ୍ତେ ସଂକଳ୍ପ ନେବା। ସେହିପରି ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ପ୍ରାଧାନ୍ୟ ଦିଆଯାଇଛି। ଜନଜାତିଙ୍କ ସଶକ୍ତୀକରଣ ମଧ୍ୟ ସେମାନଙ୍କ ଭାଷାରେ ହିଁ ଅନ୍ତର୍ନିହିତ। ଜନଜାତିଙ୍କୁ ସେମାନଙ୍କ ଭାଷାରେ ଶିକ୍ଷା ପ୍ରଦାନ କରାଗଲେ ପ୍ରାଥମିକ ଶିକ୍ଷାର ବିକାଶରେ ଅଭିବୃଦ୍ଧି ହେବ। ପରିଶ୍ରମ, ପରାକାଷ୍ଠା ଓ ପୁରୁଷାର୍ଥ ବଳରେ ନିଷ୍ପେସିତ ଲୋକଙ୍କ ଦାୟିତ୍ୱ ନେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ। ଏହାବ୍ୟତୀତ ଶ୍ରୀ ପ୍ରଧାନ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାଏକ, ଚକରା ବିଶୋଇ, ବୀର ସୁରେନ୍ଦ୍ର ସାଏ, ମାଧୋ ସିଂଙ୍କ ଅବଦାନକୁ ସ୍ମରଣ କରିଥିଲେ।

ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଳିତା ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରି ୧୩ବର୍ଷର ସଫଳ ଯାତ୍ରା ପାଇଁ ବିଶ୍ୱବିଦ୍ୟାଳୟ ପରିବାରକୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ଜି-୨୦ ସେରପା ଅମିତାଭ କାନ୍ତ ପ୍ରତିଷ୍ଠା ଦିବସ ବକ୍ତୃତା ପ୍ରଦାନ କରି ଶିକ୍ଷାଗତ ସଫଳତା ପାଇଁ ପ୍ରୟାସ ଜାରି ରଖିଥିବାରୁ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇସିଏମ୍ଆର ପୂର୍ବତନ ମହାନିର୍ଦ୍ଦେଶକ ପ୍ରଫେସର ନିର୍ମଳ କୁମାର ଗାଙ୍ଗୁଲି ସାମଗ୍ରିକ ବିକାଶ ପାଇଁ ଶିକ୍ଷା ଏବଂ ଗବେଷଣାର ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପାଡାଲ, ପଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ସୁନାବେଡା ପୌରାଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ବିଶ୍ୱବିଦ୍ୟାଳୟ କାର୍ଯ୍ୟ ପରିଷଦ ସଦସ୍ୟ ପ୍ରଫେସର ମୀନା ହରିହରନ, ପ୍ରଫେସର ମଞ୍ଜୁଳା ରାଣା, ଭିଜିଟିଂ ପ୍ରଫେସର ସୁନୀଲକାନ୍ତ ବେହେରା, ୨୦୨ ବାଟାଲିୟନ ସିଆରପିଏଫ୍ କମାଣ୍ଡାଣ୍ଟ ବୁନେ ଏ., ସାମାଜିକ କର୍ମୀ କୃଷ୍ଣ ସିଂହ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଏସ୍. କେ ପଳିତା ବିଶ୍ୱବିଦ୍ୟାଳୟ ପତାକା ଉତ୍ତୋଳନ କରି ସମ୍ବୋଧିତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଅସିତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ତିନୋଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଛାତ୍ର କଲ୍ୟାଣ ଡିନ୍ ଡ. ରମେନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ଥନୀତି ବିଭାଗ ସହାୟକ ପ୍ରଫେସର ଡ. ମିନାତି ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# Education alone can eliminate poverty: Dharmendra Pradhan

## Koraput to be a manufacturing hub ; ideal organic farming and food processing hub

**STATESMAN NEWS SERVICE**
KORAPUT, 29 AUGUST:

Education is the key to eradicating poverty. Every citizen needs to work together to take the Central University of Odisha forward through the new education policy, said Union Education Minister Dharmendra Pradhan on Monday.

He said this while addressing the 14th Foundation Day celebrations of the CUO on virtual mode.

Pradhan stressed the need for research and development towards promoting the local food processing sector of the Koraput region.

He said that paddy, mango, ragi, vegetables and especially Koraput coffee produced in the organic farming systems in Koraput are special.

Koraput, a region of immense potential, will be made a hub of the manufacturing sector. Not only production of bauxites but high quality aluminum manufacturing centre will have to be set up in Koraput.

The new education policy gives priority to the mother tongue .

The empowerment of the tribes is also inherent in their language. Providing education to the tribes in their local language will lead to growth in the development of primary education of the tribes and manifestation of critical thinking, he said.



Prof. Sharat Kumar Palita , Vice Chancellor of the university highlighted the achievements of the University . He highlighted the key developments of the University in recent years including conducting of UGC Master Trainers' Programme, the signing of MoUs with six important organizations.

The Foundation Day Lecture was delivered by Amitabh Kant, who praised the University for continuing its strive for academic success.

His positive note was that more than 50 per cent of the students are girls.

He urged the young generation not to be demoralized by the impact of the pandemic which they faced at a young age; rather they should be confident and determination to move ahead. He stressed the need for adopting new technology for future generations.

He also gave importance to digital economy and the promotion of modern technology like artificial intelligence in every sector. Till date India has promoted more than 70,000 start-ups, he said.

Eminent scientist Padma Bhusan Prof. Nirmal Kumar Ganguly, former director General ICMR stressed upon the growth of education and research for overall development. It is important to build and preserve tribal culture, health and organic farming in improving the livelihood of the tribes and the Central University of Odisha should help in achieving this, he said.